# Akashvani, Sambalpur

# SAMBALPURI NEWS BULLETIN

## 4 April 2025- 6.47- 6.52 am.

*************************************************

ୱାକଫ୍ ବିଲ୍        ଆର୍‌ଏନ୍‌ୟୁ/ କଟକ୍

ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ ଗଲାକାଏଲ୍ ଡେରିରାତି ରାଜ୍ୟସଭା ନ ଗୃହିତ୍ ହେଇଛେ । ଲମ୍ବାସମିଆତକ୍ ଆଲୋଚନା ଉତ୍‌ରୁ ଇତାର୍ ଉପ୍‌ରେ ଭୋଟିଂ କରାଯାଇଥିଲା ଆର୍ ଇତାର୍ ସପକ୍ଷଥି ଶହେ ୨୮ ଟା ଭୋଟ୍ ପଡ଼ିଥିଲା । ଇତାର୍ ଆଘୋନୁ ଇ ବିଲ୍ ଲୋକ୍‌ସଭା ନ  ପାରିତ୍ ହେଇଥିଲା । ରାଜ୍ୟସଭା ନ ପାରିତ୍ ହେବାର୍ ଉତ୍‌ରୁ ଇଟା ସଂସଦ୍‌ର ଅନୁମୋଦନ୍ ପାଇଛେ । ଆଏବା ଦିନେ ଇତାକେ ଆଇନ୍‌ର ରୂପ୍ ଦେବାର୍ ଲାଗି ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଲାଗି ପଠାଯିବା ।

ଓଡ଼ିଆଥି ନାମଫଳକ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ୧ ତାରିଖ୍‌ନୁ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷ ପାଲନ୍‌ର ୪ ନମ୍ବର୍ ଦିନେ ଆଏଜ୍ ସାରା ରାଏଜେ ଓଡ଼ିଆଥି ନାମଫଲକ ଅଭିଯାନ୍ ଆଉ ସଚେତନତା ପଦଯାତ୍ରା ହେବା । ଇ ଅବ୍‌ସରେ ରାଜ୍ୟର୍ ସବୁ ଦୁକାନ୍ ଆଉ ବାଣିଜ୍ୟ ପ୍ରତିଷ୍ଠାନ୍ ମାନ୍‌କର୍ ନାମଫଲକ ମାନ୍‌କୁ ଓଡ଼ିଆଥି ଲେଖ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଆହ୍ୱାନ୍ କରାଯାଇଛେ ।

ରାଜ୍ୟପାଲ୍- ଏନ୍‌ସିସି କେଡ଼େଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ବିକାଶ୍‌ଥି ଯୁଆନ୍ ପିଢ଼ି ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । କଟକ୍‌ଠାନେ ଗଲାକାଏଲ୍ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସିର ୭୬ ନମ୍ବର୍ ଥାପ୍‌ନା ଦିବସ୍ ଅବ୍‌ସରେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଏନ୍‌ସିସିର ଆଦର୍ଶଥି ଅଲ୍‌ଗାମାନେ ଅନୁପ୍ରାଣିତ ହେବାର୍ ଲାଗି ରାଜ୍ୟପାଲ୍ ଶ୍ରୀ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ମେଗା ଏନ୍‌ସିସି ସାଇକ୍ଲୋଥନ୍‌ଥି ଭାଗ୍ ନେଇଥିବା ୨୧ ଝନ୍ କେଡ଼େଟ୍‌ଙ୍କୁ ପୁରସ୍କୃତ୍ କରିଛନ୍ ।

ଅନ୍ କଲ୍ କୃତ୍ରିମ ପ୍ରଜନନ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗୋପାଲନ୍ ଆଉ ଦୁଗ୍ଧ ଉତ୍ପାଦନ୍ କ୍ଷେତ୍ରଥି ବ୍ୟାପକ୍ ପରିବର୍ତ୍ତନ୍ ଆନ୍‌ବାର୍ ଲାଗି ଅନ୍ କଲ୍ କୃତ୍ରିମ ପ୍ରଜନନ (ଏଆଇ) ସେବା ମୁଲ୍ ହେବା । ଗୋପାଲକ୍‌ମାନେ ଇ ସେବା ଘରେ ବସିକରି ପାଇପାର୍‌ବେ । ଇଥିର୍‌ଲାଗି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ ତର୍‌ଫୁ ଟୋଲ୍‌ଫ୍ରି ନମ୍ବର୍ ୧୫୫-୩୩୩ ଜାରି କରାଯାଇଛେ । ଇ ସେବା ଦେବାର୍‌ଥି ଓଡ଼ିଶା ଦେଶର୍ ପହେଲା ରାଜ୍ୟ ହେବା । ୧୦ଟା ଜିଲ୍ଲାଥି ଇ ଅନ୍ କଲ୍ କୃତ୍ରିମ ପ୍ରଜନନ ସେବା କାର୍ଯ୍ୟକ୍ଷମ୍ ଅଛେ । ଆଉ ଆଗ୍‌କେ ସବୁ ଜିଲ୍ଲା ନ ଇଟା କାର୍ଯ୍ୟକାରୀ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆର୍ଥିକ୍ ସ୍ୱାସ୍ଥ୍ୟ ଆର୍ଏନ୍ୟୁ/ ସମ୍ବଲପୁର

ନୀତି ଆୟୋଗ୍ ତର୍‌ଫୁ ଜାରି ହେଇଥିବା ଆର୍ଥିକ୍ ସ୍ୱାସ୍ଥ୍ୟ ତାଲିକାଥି ଓଡ଼ିଶା ୬୭ ଦଶ୍‌ମିକ୍ ୮ ସ୍କୋର୍ ସହେତେ ଦେଶେ ପହେଲା ଠାନେ ରହିଛେ । ତାର୍ ପଛ୍‌କେ ଛତିଶ୍‌ଗଡ୍, ଗୋଆ, ଝାର୍‌ଖଣ୍ଡ ଆର୍ ଗୁଜୁରାଟ୍ ରହିଛେ । ରାଜସ୍ୱ ସଂଗ୍ରହ ଆର୍ଥିକ୍

ଶୃଙ୍ଖଲା, ଋଣ ସୂଚୀ, ଋଣ ସ୍ଥାୟୀତ୍ୱ ବାଗିର୍ ଭିନ୍ ଭିନ୍ କ୍ଷେତ୍ରକେ ନେଇକରି ମୂଲ୍ୟାଙ୍କନ୍ କରାଯାଇଛେ । ଦେଶର୍ ୧୮ ଟା ମୂଖିଆ ରାଜ୍ୟକେ ନେଇକରି ଇ ରିପୋର୍ଟ ତିଆର୍ କରାଯାଇଛେ ।

ଜନଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୭ ତାରିଖ୍ ସୋମ୍‌ବାର୍ ଦିନ ରାଜ୍ୟର୍ ଜିଲ୍ଲାମାନ୍‌କେ ହେବାର୍‌କେ ଥିବାର୍ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏଜ୍ ସଖାଲର୍ ୧୧ ବଜେନୁ ମୁଲ୍ ହେବା । ଇଥିର୍‌ଲାଗି ଆଗ୍ରହୀ ଜନସାଧାରଣ୍ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଜରିଏ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କୁ ସାକ୍ଷାତ୍ କର୍‌ବାର୍ ଲାଗି ପଞ୍ଜିକରଣ୍ କରିପାର୍‌ବେ । ଇତାର୍‌ଛଡ଼ା ପଞ୍ଜିକୃତ ନାଇଁହେଇଥିବା ଆବେଦନ୍‌କାରୀମାନ୍‌କର୍ ଅଭିଯୋଗ୍‌ପତ୍ରମାନ୍‌କୁ ଭିଲ୍ ଶିବିର୍‌ଥି ସିଧାସଲଖ୍ ଗ୍ରହଣ୍ କରାଯାଇପାର୍‌ବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପୁଲିସ୍ ମହାନିର୍ଦ୍ଦେଶକ-ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ସହରାଂଚଲ୍ ନ ସିଏଫ୍‌ସିଟି ପ୍ରୋଜେକ୍ଟ୍‌ଥି ଲାଗିଥିବା ସିସିଟିଭି କେମ୍‌ରା ଉନ୍ନତମାନର୍ ଆଏ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । ଝାର୍‌ସୁଗୁଡ଼ା ଗସ୍ତଥି ଯାଇକରି ଶ୍ରୀ ଖୁରାନିଆ ଜିଲ୍ଲା ନ ଲାଗିଥିବା ସିସିଟିଭି ବ୍ୟବସ୍ଥାର ତଦାରଖ କରିକରି କହିଛନ୍ ଯେ, ଆଏବା ବଛ୍‌ରେ ରାଜ୍ୟର୍ ଅଏତ୍‌କାନୁ ଅଏତ୍‌କା ଜିଲ୍ଲା ମୁଖ୍ୟାଲୟମାନ୍‌କୁ ସିସିଟିଭି କଭ୍‌ରେଜ୍ ଭିତର୍‌କେ ଆନ୍‌ବାର୍ ଚେଷ୍ଟା କରାଯାଉଛେ ।

ବିଏଡ୍ ଆବେଦନ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ବିଏଡ୍ , ବିଏଚ୍‌ଏଡ୍ ଆର୍ ଏମ୍‌ଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏବା ୧୦ ତାରିଖ୍ ସର୍‌ବା । ୩୧ ଟା ଶିକ୍ଷାନୁଷ୍ଠାନ୍ ନ ୨ ହଜାର୍ ୭ ଶହ ୫୦ ଟା ସିଟ୍ ଲାଗି ଇହାଦେତକ୍ ୪୩ ହଜାର୍ ୪ ଶହ ୮୪ ଝନ୍ ଆବେଦନ୍ କରିସାର୍‌ଲେନ । ଇ ପରୀକ୍ଷା ଲାଗି ଆଏବା ମେ ୨୩ ତାରିଖ୍ ଦିନ ପ୍ରବେଶ୍ ପତ୍ର ମିଲ୍‌ବା । ଜୁନ୍ ୧ ତାରିଖ୍‌ଥି ବିଏଡ୍ ଆର୍ ବିଏଚ୍‌ଏଡ୍‌ର ଆଉ ୪ ତାରିଖ୍ ଦିନ ଏମ୍‌ଏଡ୍‌ର ପ୍ରବେଶିକା ପରୀକ୍ଷା ହେବା ବଲି ଜନାପଡିଛେ ।

ପାରମ୍ପାରିକ୍ ଲୋକବାଦ୍ୟ ପ୍ରତିଯୋଗିତା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ଲେଶ୍ୱରୀ ଟ୍ରଷ୍ଟବୋର୍ଡ଼ ତରଫୁ ୨ ଦିନିଆ ପାରମ୍ପାରିକ୍ ଲୋକବାଦ୍ୟ ପ୍ରତିଯୋଗିତା ଆଏଜ୍‌ଠାନୁ ମୁଲ୍ ହେବା । ମନ୍ଦିର୍ ପରିସର୍ ନ ଆଏଜ୍ ସମ୍ପର୍ଦା ପ୍ରତିଯୋଗିତା ଆଉ ଆଏବା କାଏଲ୍ ପାରମ୍ପାରିକ୍ ଦୁଲ୍‌ଦୁଲି ବଜା ପ୍ରତିଯୋଗିତା ହେବା ବଲି ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁ ସୂଚ୍‌ନା ଦେଇଛନ୍ ।

ଜିଏସ୍‌ଟି କମିଶନର- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସିଟି ଆଉ ଜିଏସ୍‌ଟି କମିଶନର୍ ଜାମିନୀ ଷଡ଼ଙ୍ଗୀ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତଥି ଯାଇକରି ହର୍‌ଭଙ୍ଗା ବ୍ଲକ୍‌ର ଭିନ୍ ଭିନ୍ ପ୍ରକଳ୍ପ ଆଉ ଅନୁଷ୍ଠାନ୍ ବୁଲି ଦେଖିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସହେତେ ଅତିରିକ୍ତ ଜିଲ୍ଲାପାଲ୍, ଜିଲ୍ଲାପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମାରାଗୁଡ଼ା ଲୋକ୍‌ମହୋତ୍ସବ       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚାଲିଥିବା ମାରାଗୁଡ଼ା ଲୋକ୍‌ମହୋତ୍ସବ୍ ଅବ୍‌ସରେ ଜିଲ୍ଲା ସଂସ୍କୃତି ପରିଷଦ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନେସ୍‌ନାଲ୍ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ନ 'ମାରାଗୁଡ଼ା ଅଂଚଲ୍‌ର ଐତିହ୍ୟ ଆଉ ସ୍ୱାଧୀନତା ସଂଗ୍ରାମ୍‌ଥି ଯୋଗଦାନ୍' ବିଷେକେ ନେଇକରି ବୌଦ୍ଧିକ ଚର୍ଚ୍ଚା ହେଇଛେ । ନୂଆପଡ଼ା ପ୍ରାଚୀନ୍ ଐତିହ୍ୟର୍ ସଂରକ୍ଷଣ୍ ଆର୍ ଦେଖ୍‌ରେଖ୍‌ର ଆବଶ୍ୟକତା ରହିଛେ ବଲି ଇ ଅବ୍‌ସରେ ଉପସ୍ଥିତ୍ ବୁଦ୍ଧିଜୀବୀମାନେ ମତ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ବୌଦ୍ଧ ଆର୍ ବଲାଙ୍ଗିର୍ ଛଡ଼ା ରାଜ୍ୟର୍ ଅଲ୍‌ଗା ଜାଗା ମାନ୍‌କେ ତାପମାତ୍ରା କମିଛେ । ଆଏବା ୬ ତାରିଖ୍‌ତକ୍ ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।  ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍, କଲାହାଣ୍ଡି, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ

ଜୁଢ଼େ ଜାଗା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲାକାଏଲ୍ ବୌଦ୍ଧ ନ  ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୦ ଦଶ୍ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।